**Odisha CM Naveen Patnaik reviewed drinking water supply in urban areas**

January 8, 2018
Orissadiary.com




Bhubaneswar: Chief Minister Shri Naveen Patnaik reviewed drinking water supply in urban areas in the state and directed 100% piped water supply coverage of households in the cities and towns by March 2019. The entire 70 lakh urban population should have piped water supply within the defined date.

Highlights of the review:

- ₹2,700 crore piped water supply projects being implemented in cities and towns
- Progress of four mega water projects worth over ₹1,089 crore is satisfactory
- Improvement of water supply to Greater Berhampur will be completed by November 2018
- ₹318 crore projects for Baripada, Sambalpur, Rourkela and Jharsuguda
- ₹228 crore projects for Brajarajnagar and Belpahar
- ₹114 crore projects for Rajgangpur, Sundargarh and Biramitrapur
- All to be completed by March 2019
- Water supply to IIT Bhubaneswar and NISER Bhubaneswar by March 2018

Chief Minister Shri Patnaik stressed top priority to water scarcity regions and directed ensuring completion of water supply projects in those before the onset of summer this year.

# ୨୦୧୯ ମାର୍ଚ୍ଚ ସୁଦ୍ଧା ସବୁ ସହରକୁ ପାଇପ୍ ପାଣି



## "ଧାର୍ଯ୍ୟ ସମୟରେ ୪ ବୃହତ୍ ପ୍ରକଳ୍ପ କାମ ସାର"

ଭୁବନେଶ୍ୱର,୮।୧(ବ୍ୟୁରୋ): ୨୦୧୯ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସବୁ ସହରାଞ୍ଚଳରେ ପାଇପ୍ ଯୋଗେ ପିଇବା ପାଣି ପହଞ୍ଚିବ। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଶତ ପ୍ରତିଶତ ଲକ୍ଷ୍ୟ ପୂରଣ କରିବାକୁ ଗୁରୁତ୍ୱ ଦେଇଛନ୍ତି।

ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ୨୭୦୦ କୋଟି ଟଙ୍କାର ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଆଜି ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟ ସମୀକ୍ଷା ହୋଇଥିଲା। ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ, ସହରାଞ୍ଚଳର ସବୁ ଘରକୁ ପାନୀୟ ଜଳ ଯୋଗଣ ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ସହରାଞ୍ଚଳରେ ବାସ କରୁଥିବା ସମସ୍ତ ୭୦ ଲକ୍ଷ ଜନସାଧାରଣ ଯେପରି ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଶୁଦ୍ଧ ପିଇବା ପାଣି ପାଇ ପାରିବେ, ସେଥିପାଇଁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ହେବ। ଖରାଦିନ ଆଗରୁ ଜଳକିଷ୍ଟ ଅଞ୍ଚଳଗୁଡ଼ିକରେ ପାନୀୟ ଜଳ ଯୋଗାଣକୁ ପ୍ରାଥମିକତା ଦେଇ କାମ ସାରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ତେବେ ୧୦୮୯ କୋଟି ଟଙ୍କାର ୪ଟି ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟ ଭିତରେ ସରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୪୩୧ କୋଟି ଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ଗ୍ରେଟର ବ୍ରହ୍ମପୁର ଜଳ ଯୋଗାଣ ଉନ୍ନତିକରଣ କାର୍ଯ୍ୟକ୍ରମ ୨୦୧୮ ନଭେମ୍ବରରେ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ୩୧୮ କୋଟି ଟଙ୍କା ବ୍ୟୟରେ ବାରିପଦା, ସମ୍ବଲପୁର, ରାଉରକେଲା ଓ ଝାରସୁଗୁଡ଼ା ସହର ଜଳଯୋଗାଣ କାର୍ଯ୍ୟ ୨୦୧୯ ମାର୍ଚ୍ଚ ସୁଦ୍ଧା ସରିବ। ୨୨୮ କୋଟି ଟଙ୍କା ବ୍ୟୟରେ ବ୍ରଜରାଜନଗର ଓ ବେଲପାହାଡ଼ ସହରର ଜଳ ଯୋଗାଣ ବ୍ୟବସ୍ଥା ଓ ୧୧୪ କୋଟି ଟଙ୍କା ବ୍ୟୟରେ ରାଜଗାଙ୍ଗପୁର, ସୁନ୍ଦରଗଡ଼ ଓ ବୀରମିତ୍ରପୁର ସହରର ଜଳ ଯୋଗାଣ ବ୍ୟବସ୍ଥା ମଧ୍ୟ ଆସନ୍ତା ମାର୍ଚ୍ଚ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଆଇଆଇଟି ଭୁବନେଶ୍ୱର ଓ ନାଇଜର ପାଇଁ ପିପିପି ମୋଡ୍‌ରେ ଜଳ ଯୋଗାଣ କାମ ଚାଲିଥିବାବେଳେ ୨୦୧୯ ମାର୍ଚ୍ଚ ସୁଦ୍ଧା ଏହା ସମ୍ପୂର୍ଣ୍ଣ ହେବ ବୋଲି ବୈଠକରୁ ଜଣାଯାଇଛି।

ଏହି ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ, ଅର୍ଥ ବିଭାଗର ପ୍ରମୁଖ ସଚିବ, ନଗର ଉନ୍ନୟନ ବିଭାଗ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।